# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ---୬୮୨---/ସୂ.ଲୋ.ସ., ---୨୭/୦୯/୨୦୧୯---

## ୧୫୦ତମ ଗାନ୍ଧି ଜୟନ୍ତୀ ଉପଲକ୍ଷେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା।

ଢେଙ୍କାନାଳ, ତା ୨୭/୦୯/୨୦୧୯ ରିଖ :- ଢେଙ୍କାନାଳ ସଦର ମହକୁମାରେ ୧୫୦ତମ ଗାନ୍ଧି ଜୟନ୍ତୀ ପାଳନ ଉପଲକ୍ଷେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗଦ୍ୱାରା ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ସ୍ଥାନୀୟ ଭୁଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ସେପ୍ଟେମ୍ବର ୨୬ ତାରିଖ ଦିନ ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପ୍ରାଥମିକ ସ୍ତରରେ କାପୁଡ଼ୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ କୁମାରୀ ଲିପିଲିପ୍ସା ବେହେରା ପ୍ରଥମ, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ମଙ୍ଗଳପୁରର ଷଷ୍ଠ ଶ୍ରେଣୀ ଛାତ୍ରୀ କୁମାରୀ ଜ୍ୟୋତିପ୍ରିୟା ବରାଳ ଦ୍ୱିତୀୟ, ଲକ୍ଷ୍ମୀଧର ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଶ୍ରୀ ରୁଦ୍ର ନାରାୟଣ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଉଚ୍ଚ ବିଦ୍ୟାଳୟ ସ୍ତରରେ ଜୀବନ ବାଳିକା ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ କୁମାରୀ ମୌସୁମୀ ପତି ପ୍ରଥମ, ଭୁଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଶ୍ରୀ ଅଭିଷେକ ଦାସ ଦ୍ୱିତୀୟ ଏବଂ ସଲଗାଦେବୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ କୁମାରୀ ସ୍ୱାଗତିକା ଦାସ ତୃତୀୟ ସ୍ଥାନ ଗ୍ରହଣ କରିଛନ୍ତି। ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷାବିତମାନେ ଏଥିରେ ଯୋଗ ଦେଇ ସଫଳତାର ସହ ଏହି ପ୍ରତିଯୋଗିତା ଆୟୋଜନ କରିଥିଲେ।

ଆସନ୍ତା ଗାନ୍ଧି ଜୟନ୍ତୀ ଅକ୍ଟୋବର ୦୨ ତାରିଖ ଦିବସରେ ଏହି କୃତୀ ପ୍ରତିଯୋଗୀମାନଙ୍କୁ ଢେଙ୍କାନାଳ ସୂଚନା କେନ୍ଦ୍ରଠାରେ ସକାଳ ୮ ଘଣ୍ଟିକା ସମୟରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିଗଣ ମାନପତ୍ର ଓ ପୁସ୍ତକ ପ୍ରଦାନ କରି ପୁରସ୍କୃତ କରିବେ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ହେମନ୍ତ କୁମାର ନାୟକ ଜଣାଇଛନ୍ତି।

— x —

ହେମନ୍ତ କୁମାର ନାୟକ ୨୭/୯/୧୯
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଢେଙ୍କାନାଳ